**ଶ୍ରୀନଗର ସିଆର୍‌ପିଏଫ୍ କ୍ୟାମ୍ପ୍ ଟାର୍ଗେଟ୍ ■ ଯବାନ ସହିଦ ■ ଚାଲିଛି ଅପରେସନ୍**

# ପଣ୍ଡ ହେଲା ହମ୍‌ଲା ଉଦ୍ୟମ

**ନୂଆଦିଲ୍ଲୀ, ଶ୍ରୀନଗର, ୧୨।୨/ପିଟିଆଇ :**

ଏଥର ଜମ୍ମୁ-କଶ୍ମୀରରେ ସିଆର୍‌ପିଏଫ୍ ଶିବିରକୁ ଟାର୍ଗେଟ୍ କରିଛନ୍ତି ଆତଙ୍କବାଦୀ। ଜମ୍ମୁର ସୁଞ୍ଜୱାନ୍ ସେନା ଶିବିରରେ ଆଉ ଜଣେ ଆତଙ୍କୀ ଲୁଚିଥିବାରୁ ସର୍ଚ୍ଚ ଅପରେସନ୍ ଚାଲିଥିଲା ବେଳେ ଆଜି ସକାଳେ ଶ୍ରୀନଗରର ସହରର ଜନଗହଳିପୂର୍ଣ୍ଣ କରନ୍ ନଗରରେ ଥିବା ସିଆର୍‌ପିଏଫ୍ କ୍ୟାମ୍ପ୍ ଭିତରେ ପଶିବା ପାଇଁ ଆତଙ୍କବାଦୀଙ୍କ ଉଦ୍ୟମକୁ ପଣ୍ଡ କରିଦେଇଛି ସେନା। ତେବେ ଗୁଳି ବିନିମୟ ବେଳେ ସିଆର୍‌ପିଏଫ୍ ୪୯ ବ୍ୟାଟାଲିୟନ୍‌ର ଜଣେ ଯବାନ ସହିଦ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୁଞ୍ଜୱାନ୍ ସେନା କ୍ୟାମ୍ପ୍ ଉପରେ ହମ୍‌ଲାରେ ୫ ଜଣ ଯବାନ ସହିଦ ହୋଇଥିଲେ। ଦୁଇ ଦିନ ମଧ୍ୟରେ ୨ଟି ହମ୍‌ଲା ପରେ ଭାରତ କ୍ଷୁବ୍ଧହୋଇ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛି। ପାକିସ୍ତାନକୁ ଏଥିପାଇଁ ସିଧାସଳଖ ଦାୟୀ କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣ। 'ଏ ପ୍ରକାର ଦୁଃସାହସିକତା ପାଇଁ ପାକିସ୍ତାନକୁ ମୂଲ୍ୟଦେବାକୁ ପଡ଼ିବ' ବୋଲି ସେ ଦୋହରାଇ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ ରାଜ୍ୟର ସୁରକ୍ଷା ପରିସ୍ଥିତି ସମ୍ପର୍କରେ ପଦସ୍ଥ ଅଧିକାରୀମାନଙ୍କ ସହ ସମୀକ୍ଷା କରିଛନ୍ତି ଏବଂ ଅନୁପ୍ରବେଶ ରୋକିବା ଲାଗି ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଆଜି ଭୋର୍ ପ୍ରାୟ ୪.୩୦ରେ ୨ ଜଣ ଆତଙ୍କବାଦୀ ସେନା ପୋଷାକ ପରିଧାନ କରି କାନ୍ଧରେ ବ୍ୟାଗ ଓ ହାତରେ ବନ୍ଧୁକ ଧରି କରନ ନଗର ସ୍ଥିତ ସିଆର୍‌ପିଏଫ୍ ମୁଖ୍ୟାଳୟ ଆଗରେ ବୁଲୁଥିଲେ। ସେମାନେ ମୁଖ୍ୟାଳୟ ମଧ୍ୟରେ



*ସୌଜନ୍ୟ: ହିନ୍ଦୁସ୍ତାନ ଟାଇମ୍ସ*

ପ୍ରବେଶ କରିବାକୁ ଉଦ୍ୟମ କଲାବେଳେ ସେଠାରେ କର୍ତ୍ତବ୍ୟରତ ପ୍ରହରୀ ସେମାନଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଏହାର ମୁକାବିଲା କରି ନପାରି ସେହି ୨ ଆତଙ୍କବାଦୀ ମୁଖ୍ୟାଳୟ ନିକଟରେ ଥିବା ଏକ ବହୁତଳ କୋଠାଘରେ ପଶିଯାଇଥିଲେ। ସେମାନଙ୍କୁ ଧରିବା ପାଇଁ ସିଆରପିଏଫ୍ ପକ୍ଷରୁ ଅପରେସନ୍ ଆରମ୍ଭ କରାଯାଇଥିଲା। ତେବେ ସୁରକ୍ଷାକର୍ମୀମାନେ ଉକ୍ତ ଘର ନିକଟକୁ ଯିବା ସମୟରେ ଆତଙ୍କୀମାନେ ସେମାନଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ସେନା ପକ୍ଷରୁ ମଧ ଏହାର ପାଲଟା ଜବାବ୍ ଦିଆଯାଇଥିଲା। ଏହି ଗୁଳିବିନିମୟ ସମୟରେ ସିଆରପିଏଫ୍‌ର ୪୯ ବ୍ୟାଟାଲିୟନ୍ ଜଣେ ଯବାନ ସହିଦ ହୋଇଥିବା ସିଆର୍‌ପିଏଫ୍ ଆଇଜି ରବଦୀପ ସାହି କହିଛନ୍ତି। ସେ କହିଛନ୍ତି, ୨ ଜଣ ଆତଙ୍କବାଦୀ ଏବେ ମୁଖ୍ୟାଳୟ ନିକଟ କୋଠାରେ ଲୁଚି ରହିଛନ୍ତି। ଏହି କୋଠା ନିକଟରେ ଥିବା ୫ଟି ପରିବାରର ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଯବାନ୍‌ମାନେ ଆତଙ୍କବାଦୀଙ୍କ କଡ଼ା ମୁକାବିଲା କରୁଛନ୍ତି। ସମଗ୍ର ଅଞ୍ଚଳକୁ ଘେରାଉ କରି ସର୍ଚ୍ଚ ଅପରେସନ୍ ଜାରି ରହିଛି। ମୁଖ୍ୟାଳୟ ନିକଟରେ ଏସ୍‌ଏମ୍‌ଏଚ୍‌ଏସ୍ ହସ୍ପିଟାଲ୍ ରହିଛି। ଏହି ହସ୍ପିଟାଲ୍‌ରୁ ଗତ ୮ ତାରିଖରେ ଲସ୍କରର ଜଣେ ଆତଙ୍କୀ ଖସି ଯାଇଥିଲା। ଏବେ ଦୁଇ ଜଣ ଆତଙ୍କବାଦୀ ଉକ୍ତ ହସ୍ପିଟାଲ୍‌କୁ କାଳେ ପ୍ରବେଶ କରିଯିବେ, ତାହାକୁ ଦୃଷ୍ଟିରେ ରଖି ବେଶ ସତର୍କତାର ସହ ଅପରେସନ୍ କରାଯାଉଛି ବୋଲି ସେ କହିଛନ୍ତି।

ଅପରପକ୍ଷରେ ଜମ୍ମୁର ସୁଞ୍ଜୱାନ୍ ସେନା କ୍ୟାମ୍ପ୍ ଉପରେ ହମ୍‌ଲାରେ ୩ ଜଣ ଆତଙ୍କବାଦୀ ନିହତ ହୋଇଥିଲା ବେଳେ ଏବେ ବି ଜଣେ ▶▶ ୭